



ପ୍ରମେୟ THE PRAMEYA

ROURKELA 03 Nov, 2024

## ଜଳ ବିଶୋଧନ ସମ୍ପର୍କିତ ଆଲୋଚନା

ସୁନ୍ଦରଗଡ଼,୨।୧୧(ଆପ୍ର): ସ୍ଥାନୀୟ ସରକାରୀ ମହାବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ଆନୁକୂଲ୍ୟରେ ଜଳ ବିଶୋଧନ ସମ୍ପର୍କିତ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ପ୍ରଫେସର ବୀରେନ୍ଦ୍ର କୁମାର ପଟେଲ ସଭାପତିତ୍ୱ କରି ସମ୍ମାନର ଗୁରୁତ୍ୱ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ସୁଶାନ୍ତ କୁମାର ଦାସ ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ ବର୍ତ୍ତମାନ ସମୟରେ ବିଶୁଦ୍ଧ ଜଳର କେତେ ଆବଶ୍ୟକ ସେ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। ଏଥିସହ 'ୱାଟର ପ୍ୟୁରିଫିକେସନ ବାଏ ଫଟୋ କାଟାଲେଟିକ ଡିକମ୍ପୋଜିସନ ୟୁଜିଂ କୋଷ୍ଟ ଅଫେକ୍ଟିଭ କମ୍ପାଉଣ୍ଡ ସେମି କଣ୍ଡକ୍ଟର ଆଣ୍ଡ ଇନଷ୍ଟ୍ରୁମେଣ୍ଟସ୍' ବିଷୟରେ ବକ୍ତବ୍ୟ ରଖିଥିଲେ। ସେହିପରି ବିଶ୍ୱରେ ପଦାର୍ଥ ବିଜ୍ଞାନର ନୂତନ ଗବେଷଣାଗାର ଧାରା ସମ୍ପର୍କରେ ମଧ୍ୟ ସୂଚନା ଦେଇଥିଲେ। ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ଡ. ଗଗନ ବିହାରୀ ପ୍ରଧାନ ସ୍ୱାଗତ ଭାଷଣ ରଖିଥିଲେ। ସହକାରୀ ପ୍ରଫେସର ଡ. ଦୀପକ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ଗୁରୁପ୍ରୀତ କୌର ଧନ୍ୟବାଦ ଦେଇଥିଲେ। ପଦାର୍ଥ ବିଜ୍ଞାନର ସହକାରୀ ପ୍ରଫେସର ମଧୁମିତା କାଲୋ, ପ୍ରିୟବ୍ରତ ନାଗ, ଡ. କାଦମ୍ବିନୀ ସା ସକ୍ରିୟ ସହଯୋଗ କରିଥିଲେ। ଏଥିରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀବୃନ୍ଦ ଅଂଶଗ୍ରହଣ କରିଥିଲେ।



















***EXTRAMULAR LECTURE ON***

***WATER PURIFICATION BY PHOTOCATALYTIC DYE DECOMPOSITION USING COST EFFECTIVE COMPUND SEMICONDUCTORS AND INSTRUMENTS***

**ORGANISED BY**

**Department of Physics, In Association with IQAC, Government College, Sundargarh**